# SAMPLE QUESTION PAPER (2nd TERM)
## SUMMATIVE ASSESSMENT-II, 2010-2011
## CLASS - X
## Sub - ODIA
(SET-1)

**Code: 013/2**

Time Allowed : 3 hours | Maximum Marks: 80

ସୂଚନା: ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

| | | | | | |
|---|---|---|---|---|---|
| (କ) | ପଠନ | - | Reading | - | 10 |
| (ଖ) | ଲିଖନ | - | Writing | - | 15 |
| (ଗ) | ବ୍ୟାକରଣ | - | Grammar | - | 15 |
| (ଘ) | ସାହିତ୍ୟ | - | Literature | - | 40 |

## 'କ' ବିଭାଗ - Section - A (10 marks)

1. ନିମ୍ନଲିଖିତ ଅନୁଚ୍ଛେଦଟି ପଢ଼ି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ । (2x5=10)

ଗୋପବନ୍ଧୁଙ୍କ ସହିତ ଗୋଦାବରୀଶଙ୍କର ସାକ୍ଷାତ ହୋଇଥିଲା ହାଇସ୍କୁଲ ଛାତ୍ରାବାସରେ । ୧୯୦୬ ମସିହାରେ ସେ ଅଧ୍ୟୟନ କରୁଥିଲେ ପୁରୀ ଜିଲା ସ୍କୁଲର ଏକାଦଶ ଶ୍ରେଣୀରେ । ପୁରୀର ବଡ଼ଦାଣ୍ଡରେ ବିଲାତି ବସ୍ତ୍ରରେ ନିଆଁ ଲଗାଇ ପୋଡ଼ି ଦିଆଗଲା । ଏକତ୍ର ମୁରବିମାନେ ସମସ୍ୱରରେ 'ବନ୍ଦେ ମାତରମ୍' ଗାନ କରିବା ଗୋଦାବରୀଶ ଶୁଣିଲେ । ସେଇଠି ଗୋପବନ୍ଧୁଙ୍କ ସହିତ ଅନ୍ୟ ବିପ୍ଳବୀ ନେତାମାନଙ୍କର ଭାଷଣ ଶୁଣି ସେ ଉତ୍ତେଜିତ ହୋଇ ପଡ଼ିଲେ । 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ରେ ସେ ଲେଖିଛନ୍ତି - ମୁଁ ଗୋପବନ୍ଧୁ ବାବୁଙ୍କୁ ସେହିଦିନ ପ୍ରଥମେ ଦେଖିଲି । ତାଙ୍କ ମୁଖମଣ୍ଡଳରୁ ଯୌବନର ଜ୍ୱଳନ୍ତ ଜ୍ୟୋତି ବାହାରୁଥାଏ । ଗୋପବନ୍ଧୁ ଅନୁଭବ କରିଥିଲେ - ଗୋଦାବରୀଶ ପାଠ ପଢୁଥିଲେ ବି ପୁସ୍ତକ କୀଟ ହୋଇ ରହିବାକୁ ଚାହାଁନ୍ତି ନାହିଁ, ଏହା ଗୋପବନ୍ଧୁ ଅନୁଭବ କରିଥିଲେ । ତାଙ୍କ ଜୀବନରେ ସତ୍ୟ, ସାଧନା ଓ ଏକନିଷ୍ଠତା ସେ ଜାଣିପାରି ମତ ଦେଇଥିଲେ - ଭବିଷ୍ୟତରେ ଏହି ହାଇସ୍କୁଲ ଛାତ୍ର ଜାତି ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଜନସେବକର ଗୌରବ ଲାଭକରିବ ।

ପ୍ରଶ୍ନାବଳୀ:

(କ) ଗୋପବନ୍ଧୁ ଓ ଗୋଦାବରୀଶ ପରସ୍ପରକୁ ସାକ୍ଷାତ କରିବାର ସୁଯୋଗ କେବେ ପାଇଥିଲେ ?

(ଖ) ପୁରୀରେ ସଂଘଟିତ କେଉଁ ଘଟଣା ଗୋଦାବରୀଶଙ୍କ ମନରେ ପ୍ରଭାବ ପକାଇଥିଲା ?

(ଗ) ଗୋପବନ୍ଧୁଙ୍କୁ ଦେଖି ଗୋଦାବରୀଶ କିପରି ଅନୁପ୍ରାଣିତ ହୋଇଥିଲେ ?

(ଘ) ଗୋଦାବରୀଶଙ୍କ ସଂପର୍କରେ ଗୋପବନ୍ଧୁ କି ମତାମତ ଦେଇଥିଲେ ?

(ଙ) ଗୋଦାବରୀଶଙ୍କ ସଂପର୍କରେ ଏପରି ମତାମତ ଦେବାର କାରଣ କ'ଣ ?

## 'ଖ' ବିଭାଗ - Section - B (15 marks)

2. ଯେକୌଣସି ଗୋଟିଏ ରଚନା ଲେଖ - (10)

(କ) ଛାତ୍ର ଓ ସମାଜ ସେବା ।

(ଖ) ବୈଷୟିକ ଶିକ୍ଷା ।

(ଗ) ଭାରତୀୟ ଗଣତନ୍ତ୍ର ।

3. ଯେକୌଣସି ଗୋଟିଏ ବିଷୟରେ ପତ୍ର ଲେଖ । (5)

(କ) ତୁମ ଅଞ୍ଚଳରେ ମିଳୁନଥିବା କୌଣସି ଦରକାରୀ ଗୃହୋପକରଣ ପାଇବା ପାଇଁ ବିକ୍ରୟକେନ୍ଦ୍ରକୁ ଏକ ଚିଠି ଲେଖ ।

(ଖ) ତୁମ ଅଞ୍ଚଳର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାର ଉନ୍ନତି ବିଧାନ ନିମିତ୍ତ ଜିଲ୍ଲାପାଳଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।

## 'ଗ' ବିଭାଗ - Section - C (15 marks)

4. (କ) ବ୍ୟାସବାକ୍ୟ ସହ ସମାସର ନାମ ଲେଖ । (ଯେ କୌଣସି ୪ଟିର) (4)

କାଠପୋଲ, ପୂର୍ଣ୍ଣଚନ୍ଦ୍ର, ଦଶାନନ, ଉପବନ, ଜ୍ଞାନାଲୋକ, ଅନନ୍ତ ।

(ଖ) ବିଶେଷ୍ୟକୁ ବିଶେଷଣ ଓ ବିଶେଷଣକୁ ବିଶେଷ୍ୟରେ ପରିଣତ କର । (୪ଟିର) (4)

ସଂଧ୍ୟା - (ସାନ୍ଧ୍ୟ, ସନ୍ଧ୍ୟ, ସଞ୍ଜ, ସାନ୍ଧ)

ସଂସଦ - (ସସଂଦ, ସାଂସଦ, ସାସଦଂ, ସାଂସଦା)

ଚରିତ୍ର - (ଚରିତ୍ରତ, ଚରିତ୍ରିତ,ଚାରିତ୍ରିକ, ଚାରୁତ୍ରିକ)

ଦାରିଦ୍ର୍ୟ - (ଦାରିଦ୍ର୍ୟତା, ଦରିଦ୍ର୍ୟ, ଦାରଦ୍ର, ଦରିଦ୍ର)

ପୁରାଣ - (ପୌରାଣିକ, ପୁରାଣକ, ପୌରାଣ, ପୋରାଣିକ)

ପୁରସ୍କାର- (ପୁରକୃତ, ପୁରସ୍କୃତ, ପୁରାକୃତ, ପୁଅକୃତ)

(ଗ) ଗଠନରୀତି ଦର୍ଶାଅ । (୪ଟିର) (4)

ଦର୍ଶନୀୟ- (ଦୃଶ୍ + ଅନୀୟ, ଦ୍ରଶ + ନୀୟ, ଦର୍ଶନ + ଇୟ ଦୃଶ୍ + ନୀୟ)

ମାଜଣା - (ମାଜ + ଣା, ମାଜ୍ + ଅଣା, ମାଜଣ + ଆ, ମଜା + ଅଣା)

ପାଣ୍ଡବ - (ପଣ୍ଡୁ + ଅବ, ପଣ୍ଡୁ + ବ, ପଣ୍ଡୁ + ଅ, ପାଣ୍ଡୁ + ଅ)

ଭୌଗୋଳିକ- (ଭୁଗୋଳ + କ, ଭୂଗୋଳ + ଏକ, ଭୌଗୋଳ + କ, ଭୂଗୋଳ + ଇକ)

ଗଡ଼ାଣିଆ- (ଗଡ୍ + ଆଣିଆ, ଗଡାଣି + ଆ, ଗଡ଼ା + ଆଣିଆ, ଗାଡ୍ + ଅଣିଆ)

ସୌମିତ୍ରି - (ସୁମିତ୍ର + ଈ, ସୁମିତ୍ରା + ଇ, ସୁମିତ୍ରା + ଈ, ସୁମିତ୍ରା + ଅଇ)

(ଘ) ଆବଶ୍ୟକ ସ୍ଥଳେ ବିରାମ ଚିହ୍ନ ଦିଅ । (3)

ମନୁଷ୍ୟ ଭାଷାରେ କିଏ ଯେପରି କହୁଥାଏ ମୁଁ ପରା ମୋ ମା'କୁ ଛାଡ଼ି ତୁମକୁ ଆଶ୍ରୟ କରି ଧରିଥିଲି ଜମିଦାର ବାବୁ ଚମକି ଉଠି ଭାବିଲେ ଏ ସ୍ୱପ୍ନ ପୁଣି ନିଦ ଆସିଲା ପୁଣି ସେହି କାକୁତିଭରା ଚାହାଣି ପୁଣି ସେହି ମର୍ମବିଦାରକ ବିଳାପ

## 'ଘ' ବିଭାଗ - Section - D (40 marks)

5. ବିଦ୍ୟାର୍ଥୀର ଗୁଣ, କର୍ତ୍ତବ୍ୟ ଓ ମହତ୍ତ୍ୱ ସଂପର୍କରେ ଆଲୋଚନା କର । (7)

**କିମ୍ବା**

ବିଦ୍ୟା ଓ ବିଦ୍ୟାର୍ଥୀ ସମ୍ବନ୍ଧରେ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କର ଦୃଷ୍ଟିକୋଣର ପରିଚୟ ଦିଅ ।

6. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି ଗୋଟିଏ) (5)

ବିଦ୍ୟା ସଂପୂର୍ଣ୍ଣ ରୂପେ ଜାଣିବାକୁ ହେଲେ ବୈରାଗ୍ୟ ସହିତ ବିବେକ ମଧ୍ୟ ଦରକାର ।

**କିମ୍ବା**

ବିଦ୍ୟାକୁ ବିଦ୍ୟା ବୋଲି ଚିହ୍ନିବାକୁ ହେବ, କଣ୍ଠର ସୁନାକୁ କଣ୍ଠରେ ହିଁ ରଖିବାକୁ ହେବ ।

7. ନିମ୍ନରେ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ସଠିକ୍ ଉତ୍ତର - ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ । (1x10=10)

(କ) 'ଭାତ' ନାଟକର ରଚୟିତା କିଏ ?

| | | | |
|---|---|---|---|
| (i) | ଗୋପାଳ ଛୋଟରାୟ | (iii) | କମଳଲୋଚନ ମହାନ୍ତି |
| (ii) | ଭଞ୍ଜକିଶୋର ପଟ୍ଟନାୟକ | (iv) | କାଳୀଚରଣ ପଟ୍ଟନାୟକ |

(ଖ) କେଉଁଟି କବିବର ରାଧାନାଥଙ୍କର କୃତି ନୁହେଁ ?

| | | | |
|---|---|---|---|
| (i) | ବିବେକୀ | (iii) | ଇତାଲୀୟ ଯୁବା |
| (ii) | କେଦାରଗୌରୀ | (iv) | ଅବସର ବାସରେ |

(ଗ) ବାମଣ୍ଡା ରାଜସଭାରୁ ଫକୀରମୋହନ କେଉଁ ଉପାଧି ପାଇଥିଲେ ?

| | | | |
|---|---|---|---|
| (i) | ସରସ୍ୱତୀ | (iii) | ମହାଲକ୍ଷ୍ମୀ |
| (ii) | ବ୍ୟାସକବି | (iv) | ପ୍ରକୃତିକବି |

(ଘ) 'କୋଣାର୍କେ' କେଉଁ କବିଙ୍କର କୃତି ?

| | | | |
|---|---|---|---|
| (i) | ଗୋପବନ୍ଧୁ ଦାସ | (iii) | ନୀଳକଣ୍ଠ ଦାସ |
| (ii) | ଜଗନ୍ନାଥ ଦାସ | (iv) | ବଳରାମ ଦାସ |

(ଙ) ଅଳ୍ପବିଦ୍ୟାରେ କ'ଣ ନଥାଏ ?

| | | | |
|---|---|---|---|
| (i) | ସନ୍ତୋଷ ଭାବ | (iii) | ଜୟ କରିବାର ଇଚ୍ଛା |
| (ii) | ଦିବ୍ୟ ଅସନ୍ତୋଷ | (iv) | ଆପଣା ବଞ୍ଚିବାର ଇଚ୍ଛା |

(ଚ) ବାଟରେ ଅଟକି ଯାଇଥିବା ବ୍ୟକ୍ତି କାହାର ସନ୍ଧାନ ଦେଇପାରିବ ନାହିଁ ?

| | | | |
|---|---|---|---|
| (i) | ଅଧାବାଟର | (iii) | ଶିଖରର |
| (ii) | ନିମ୍ନଭାଗର | (iv) | ମରୁଭୂମିର |

(ଛ) କିଏ ଧରାପଡ଼ିଯିବ ବୋଲି ଭୟ କରୁଥାଏ ?

| | | | |
|---|---|---|---|
| (i) | ଧନୀ | (iii) | ମାନୀ |
| (ii) | କୃପଣ | (iv) | ଜ୍ଞାନୀ |

(ଜ) କାହାକୁ ଶ୍ରଦ୍ଧାକରି ଶିଖିଲେ ଅହଂଟା ଆପେ ଭୁଲି ହୋଇଯାଏ ?

| | | | |
|---|---|---|---|
| (i) | ଅଳଙ୍କାର | (iii) | ଧନ |
| (ii) | ଭୂମି | (iv) | ବିଦ୍ୟା |

(ଝ) କାହାଦ୍ୱାରା ବସ୍ତୁର ନିତ୍ୟ ଓ ଅନିତ୍ୟତାକୁ ଉପଲବ୍ଧି କରିହୁଏ ?

| | | | |
|---|---|---|---|
| (i) | ସଙ୍ଗୀତ | (iii) | ବିବେକ |
| (ii) | ବିଜ୍ଞାନ | (iv) | ଧନ |

(ଞ) ଗୋପାଳ ଚନ୍ଦ୍ର ପ୍ରହରାଜଙ୍କର କେଉଁଟି ଏକ ଅକ୍ଷୟ କୀର୍ତ୍ତି ?

| | | | |
|---|---|---|---|
| (i) | ଦାନାପାଣି | (iii) | ମଲାଜହ୍ନ |
| (ii) | ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ | (iv) | ମାଟି ମଟାଳ |

8. ସପ୍ରସଙ୍ଗ ସରଳାର୍ଥ ଲେଖ । (ଗୋଟିଏ) (5)

ଆସିବା ଜନର ସାକ୍ଷୀ ଏପଥ
ଫେରିବା ଜନର ବନ୍ଧୁ

**କିମ୍ବା**

ଲୁହାର ଫାଉଜ ଗଲେ ଫାଟି
ମାଟିର କଙ୍କାଳ ସେ ଯେ କାହିଁ ଗଲା,
ମାଟି ଖାଲି ମାଟି ! !

9. ନିମ୍ନରେ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ସଠିକ୍ ଉତ୍ତର - ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ । (1x 8 = 8)

(କ) କବି କାହାକୁ ଶତାବ୍ଦୀର ଶ୍ରେଷ୍ଠଫୁଲ ଭାବେ ବର୍ଣ୍ଣନା କରିଛନ୍ତି ?
(i) ହରି ଦାସ (iii) ରାମ ମିଶ୍ର
(ii) ବାଜିରାଉତ (iv) ଗୋବିନ୍ଦ ମହାନ୍ତି

(ଖ) ଦୂର ତାଳମଣ କାହାକୁ ମାଟିର କବିତା ଶୁଣାଉଛି ?
(i) ଆକାଶକୁ (iii) ଫୁଲକୁ
(ii) ସାଗରକୁ (iv) ବାଟୋଇକୁ

(ଗ) ଶିମୁଳି ଶଖାରେ କାହାର ବାହୁନା ଶୁଣିବାକୁ ମିଳେ ?
(i) ପାରା (iii) କପୋତୀ
(ii) ଚିଲ (iv) ଶୁଆ

(ଘ) କବିଙ୍କୁ ମରଣ ତୁଲ୍ୟ ଦୁଃଖ କିଏ ଆଣି ଦେଇଛି ?
(i) ସରକାରଙ୍କର ବ୍ୟବସ୍ଥା (iii) ପଡ଼ୋଶୀ
(ii) ସହକର୍ମୀ (iv) ସାଂସାରିକ ମୋହମାୟା

(ଙ) କେଉଁ ମାୟା ଛାରଖାର ହୋଇଯାଉ ବୋଲି କବି କାମନା କରିଛନ୍ତି ?
(i) ସଂପଦ ଲାଭ (iii) ମୋହିନୀ ମାୟା
(ii) ସମାଜ ସଂସ୍କାର (iv) କ୍ଷମତା ଲାଭ

(ଚ) କବିଙ୍କ ତୂଳୀର ସ୍ପର୍ଶରେ କ'ଣ ଛୁଟି ଆସିବ ?
(i) ସମାଜସେବୀ ଦଳ (iii) ନାରୀ ଜାଗରଣ
(ii) ବିଶ୍ୱଭଣ୍ଡାରରୁ ନବୀନ ପ୍ରଭା (iv) ଛାତ୍ର ସମାଜ

(ଛ) କବି ବାଜିରାଉତକୁ କ'ଣ କହି ସମ୍ବୋଧନ କରିଛନ୍ତି ?
(i) ଦୁଷ୍ଟ ପିଲା (iii) ଅମାନିଆ ପିଲା
(ii) ଭଲ ପିଲା (iv) ରାଗି ପିଲା

(ଜ) ଗୃହିଣୀମାନେ ଶୁଭବାରତା ପାଇବାକୁ କ'ଣ କରନ୍ତି ?
(i) କୁଆକୁ ଚାଉଳ ଖାଇବାକୁ ଦିଅନ୍ତି (iii) ପିଲାମାନଙ୍କୁ ସ୍ନେହ କରନ୍ତି
(ii) ସାଧୁମାନଙ୍କୁ ପୂଜା କରନ୍ତି (iv) କୁକୁରକୁ ମାଂସ ଖାଇବାକୁ ଦିଅନ୍ତି

10. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ । (5)

(କ) ବାଘ ଓ ରାୟସାହେବ ଉଭୟଙ୍କର ଶେଷ ପରିଣତି କ'ଣ ହେଲା ?
(ଖ) ବୋଣ୍ଡାର ଅସହାୟତାର କାରଣ - ଆଲୋଚନା କର ।
(ଗ) ସୀମାଙ୍କୁ ବାସୁବାବୁ ମହୀୟସୀ ମହିଳା କହିବାର ତାତ୍ପର୍ଯ୍ୟ କ'ଣ ?

* * *